

ପାଠ-୧୩

# ଚତୁର କୁକୁଡ଼ା



କୁକୁଡ଼ା ଆଉ କୁକୁର ଦୁଇ ମିତ। ଦୁଇଜଣଙ୍କର ଭଲପଡ଼େ। ହସିଖେଳି ଦିନ ବିତିଯାଉଥିଲା। ଦିନେ କୁକୁର ହାଲିଆ ହୋଇ ଶୋଇ ଯାଇଥାଏ। ବଣରୁ ବିଲୁଆଟିଏ ଆସିଲା। ତାକୁ ଦେଖି କୁକୁଡ଼ା ଭୟରେ ଥରିଲା। ବିଲୁଆ କୁକୁଡ଼ାକୁ କିପରି ଖାଇବ ଭାବିଲା। ପାଖକୁ ଯାଇ କହିଲା, "କୁକୁଡ଼ା ଭାଇ, ଆସ ମିତ ବସିବା। ହସ ଖୁସି କରି ଚଳିବା।"








କୁକୁଡ଼ା ବିଲୁଆର ଚାଲାକି ବୁଝିଲା । କହିଲା, "ରହ, ଆଉ ଜଣେ ମିତକୁ ଡାକୁଛି । ଭାରି ମଜା ହେବ ।" କୁକୁଡ଼ା ଡାକ ଛାଡ଼ିଲା । କୁକୁର ଭୋ ଭୋ କରି ଦଉଡ଼ି ଆସିଲା । କୁକୁରର ଭୋ ଭୋ ଶବଦରେ ବିଲୁଆ ଦେହରୁ ଝାଳ ବାହାରିଲା । "ହୁକେ ହୋ - ହୁକେ ହୋ" ରଡ଼ି ଛାଡ଼ି ପଳାଇଲା ।

## ଅଭ୍ୟାସ


୧. ଛବି ଦେଖି ପଢ଼ିବା ।



ଗୟଳ



ନୟନ




ଜାତୀୟ ପତାକା



ଭାଲୁ



ଭାରୁଆ



ଭାକୁର

୨. ଭାଇ ଶୟନ ବୟନ ଭରତ

ଭବନ ଭାର ମଳୟ

ଚୟନ ଭଉଣୀ

ଗାୟକ ବୟସ ଭରସା



ପୁଅଟି 'ୟ' ଅକ୍ଷର ଥିବା ତାରା ପାଖକୁ ତୀର ମାରି ଚିହ୍ନିବ। ତୀରଠାରୁ ଗାରଟାଣି 'ୟ'ଅକ୍ଷରକୁ ଯୋଡ଼ିବା।

ଝିଅଟି 'ଭ' ଅକ୍ଷର ଥିବା ତାରା ପାଖକୁ ଚୁଡ଼ି ଫିଙ୍ଗିବ। ଅକ୍ଷର ଚାରିପଟେ ◯ କରିବା ।

୩. ଛବି ଦେଖି ଲେଖିବା ।

କ) ବଡ଼ ତାରା କେତୋଟି ?

ଖ) ସାନ ଓ ମଝିଲା ତାରା ମିଶି କେତୋଟି ?

ଗ) 'ଭ'ଅକ୍ଷର ଥିବା ତାରା ଓ ଖାଲି ତାରା ମିଶି କେତେ ?


ଘ) 'ୟ' ଅକ୍ଷର ଥିବା ତାରା ଓ ଖାଲି ତାରା ମିଶି କେତେ ?

ବଡ଼ ତାରା ☐ + ସାନ ତାରା ☐ = ☐


ସାନ ତାରା ☐ + ମଝିଲା ତାରା ☐ = ☐


ମଝିଲା ତାରା ☐ + ବଡ଼ ତାରା ☐ = ☐

## ୪. ଛବି ଓ ଶବ୍ଦ ମିଶାଇ ପଢ଼ିବା ।

 ଆଉ  ଦୁଇ ମିତ ।

ବଣରୁ  ଆସିଲା ।

  କୁ ଖାଇବାକୁ ମନ କଲା ।

  କୁ ଡାକିଲା ।

 ଭୟ କରି ପଳାଇଲା ।

୫. ଲେଖିବା ।

________ ଆଉ ________ ଦୁଇ ମିତ ।


ବଣରୁ ________ ଆସିଲା ।

________ ________କୁ ଖାଇବାକୁ ମନ କଲା ।

________ ________କୁ ଡାକିଲା ।

________ ଭୟ କରି ପଳାଇଲା ।

୬.




ଡାକଘର ପାଖରେ କ'ଣ ଅଛି ?

ବିଦ୍ୟାଳୟଠାରୁ ଦୂରରେ କ'ଣ ଅଛି ?

ଡାକଘର ଓ ମନ୍ଦିର ମଝିରେ କ'ଣ ଅଛି ?

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗପଟି ପଢ଼ା ହେବା ପରେ (୨/୩ ଥର) କେଉଁ କେଉଁ ଶବ୍ଦରେ ଭ, ୟ, ଯ ଅଛି ସେ ଶବ୍ଦଗୁଡ଼ିକ କହିବା ପାଇଁ କୁହାଯିବ।
- ତା'ପରେ, ହାଲିଆ ହେଲେ କିପରି ଶୁଅନ୍ତି ? ଭୟରେ କିପରି ଥରନ୍ତି ? ଅଭିନୟ କରି ଦେଖାଇବା ପାଇଁ ପିଲାଙ୍କୁ କାମ ଦିଆଯିବ।
- କୁକୁଡ଼ା କୁକୁରକୁ କିପରି ଡାକିଲା ? କୁକୁର ରାଗିକରି କିପରି ଭୁକିଲା ? ବିଲୁଆ ଭୟରେ କିପରି ବୋବାଇଲା ? ସ୍ୱର କରିବା ପାଇଁ ପିଲାଙ୍କୁ କୁହାଯିବ - ଏଇ ଦୁଇ କାମ ପ୍ରତ୍ୟେକ ପିଲା କରିବା ଆବଶ୍ୟକ (ସବୁପିଲା ଏକା ସାଙ୍ଗରେ କଲେ ମଧ୍ୟ ହେବ)।
- ୧ ରୁ ୫ ଅଭ୍ୟାସ କାମ କରିବା ପରେ ଅଭ୍ୟାସ ୬ କାମରେ ଚିତ୍ରରେ ଡାକଘର ଠାରୁ ଦୂରରେ ଏକ ଗଛର ଚିତ୍ର କରିବା ପାଇଁ ଓ ଡାକଘର ଉପରେ ଏକ ଜାତୀୟ ପତାକା ଆଙ୍କିବା ପାଇଁ ପିଲାଙ୍କୁ କୁହାଯିବ। ପ୍ରତ୍ୟେକ ପିଲା ଆଙ୍କିବା ଆବଶ୍ୟକ।
- ଅଭ୍ୟାସ ୬ରେ ଥିବା ପ୍ରଶ୍ନ ସହ 'ତୁମେ କରିଥିବା ଗଛ ପାଖରେ କ'ଣ ଅଛି କହ' ଏଇ ପ୍ରଶ୍ନ ପଚରାଯିବ।
- ପିଲାଙ୍କୁ ନିଜ ଗାଁ / ସାହିରେ ସକାଳର ଦୃଶ୍ୟଟିଏ ଆଙ୍କିବା ପାଇଁ କୁହାଯିବ। ପ୍ରତ୍ୟେକ ପିଲା ନିଜ ଚିତ୍ର ତଳେ ନିଜ ନାଆଁ ଲେଖିବେ। ସମସ୍ତ ଚିତ୍ର ଶ୍ରେଣୀରେ ଟଙ୍ଗାଯିବ।
- ୧୯ ପିରିଅଡର ଏଇ ପାଠରୁ ଶିକ୍ଷାର୍ଥୀଙ୍କ– ଉ ଓ ଉକାର ( ୁ ), ଭ, ଯ, ୟ ଚିହ୍ନିବା ଓ ପଢ଼ିବା, ଚିତ୍ର ଦେଖି ବାକ୍ୟ ପଢ଼ିବା, ସରଳ ବାକ୍ୟ ଗଢ଼ିବା, ୧୮ ମଧ୍ୟରେ ଯୋଗ କରିବା, ଡାକଘର, ବିଦ୍ୟାଳୟ, ମନ୍ଦିର ଇତ୍ୟାଦି ଅନୁଷ୍ଠାନ ସମ୍ବନ୍ଧରେ ଦର୍ଶାଇବା, ବଡ଼-ସାନ ଦର୍ଶାଇବା, ପାଖ - ଦୂର ଅନୁମାନ କରିବା ଓ ଚିତ୍ର ଅଙ୍କନ କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ଆମେ ଏପର୍ଯ୍ୟନ୍ତ ଚ, ଟ, ମ, ର, ଗ, ଝ, କ, ନ, ପ, ଆ, ଠ, ବ, ଳ, ଲ, ଅ, ଖ, ଛ, ଣ, ତ, ଦ, ଜ, ଡ, ଢ, ଧ, ଶ, ଷ, ସ, ହ, ଇ, ଉ, ଘ, ଭ, ଯ, ୟ ଅକ୍ଷରଗୁଡ଼ିକ ଶିଖିଲେ ।

ଓଡ଼ିଆ ବର୍ଣ୍ଣମାଳାରେ ଏହି ଅକ୍ଷରଗୁଡ଼ିକ ଅ, ଆ, ଇ, ଉ, କ, ଖ, ଗ, ଘ, ଚ, ଛ, ଜ, ଝ, ଟ, ଠ, ଡ, ଢ, ଣ, ତ, ଦ, ଧ, ନ, ପ, ବ, ଭ, ମ, ଯ, ୟ, ର, ଳ, ଲ, ଶ, ଷ, ସ, ହ କ୍ରମରେ ରହନ୍ତି ।


ଆସ ଶବ୍ଦ ଖୋଜି ଗୋଲ ବୁଲାଇବା ।

ଯେପରି – **ଗରମ**

| | | | | |
|---|---|---|---|---|
| ଚ | ଦ | ର | ପ | ର |
| ପ | ଟ | ଚ | ବ | ସ |
| ଲ | ଗ | ହ | ନ | ର |
| ଅ | ର | ଟ | ଶ | ସ |
| ର | ମ | ଗ | ୟ | ଳ |
| ଖ | ବ | ର | ନ | ଳ |

# ଆସ ମନେପକାଇବା

ଚିତ୍ରଗୁଡ଼ିକୁ ଭଲଭାବେ ଦେଖିବା ପରେ ବହି ବନ୍ଦ କରିଦିଅ ।
ଏବେ ମନେପକାଇ କେତୋଟି କେଉଁ କେଉଁ ପଶୁ ଦେଖିଲ କହ ।




## ସର୍ବ ଶିକ୍ଷା ଅଭିଯାନ

**ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ**

ଏହି ପାଠ୍ୟପୁସ୍ତକ ସର୍ବଶିକ୍ଷା ଅଭିଯାନ ତରଫରୁ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ର, ଛାତ୍ରୀ ଏବଂ ସାଧାରଣ ବର୍ଗର ଛାତ୍ରୀମାନଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରଣ ପାଇଁ ଉଦ୍ଦିଷ୍ଟ । ଏହା ବିକ୍ରୟ କରାଯାଇ ପାରିବ ନାହିଁ । ସାଧାରଣ ବର୍ଗର ଛାତ୍ରମାନଙ୍କୁ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଦିଆଯାଉଛି ।

ମୁଦ୍ରଣ : ପାଠ୍ୟ ପୁସ୍ତକ ମୁଦ୍ରଣାଳୟ, ଭୁବନେଶ୍ୱର - ୧



ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ଓଡ଼ିଶା, ଭୁବନେଶ୍ୱର